# Akashvani, Sambalpur

## SAMBALPURI NEWS EVENING BULLETIN

## 2 January 2026 - 7.02 pm- 7.12 pm.

*********************************************

୧- ଆଧୁନିକ୍ ଓଡ଼ିଶା ଗଠନ୍‌ଥି ଡକ୍ଟର୍ ହରେକୃଷ୍ଣ ମହତାବ୍‌ଙ୍କର୍ ଅବଦାନ୍ ସୁର୍‌ତା ହେଇକରି ରହେବା- କହେଲେ ମୁଖ୍ୟମନ୍ତ୍ରୀ ।

୨- ଆଏବା ୧ ତାରିଖ୍‌ନୁ ସବୁ ନୂଆଁ ଫାଷ୍ଟଟେଗ୍ କାର୍ ଲାଗି 'ନୋ ୟୋର୍ ଭେଇକିଲ୍- କେଓ୍ୱାଇସି' କାର୍ଡ଼ ହେବା ବନ୍ଦ୍ ।

୩- ଆଏବା କାଏଲ୍ ସଞ୍ଜ୍‌ବେଲେ ଦେଖାଯିବା ବଛ୍‌ରର୍ ପହେଲା ସୁପର୍‌ମୁନ୍ ।

ଆଉର୍

୪- ବର୍‌ଗଡ଼୍ ଧନୁଯାତ୍ରାର୍ ୧୦ ନମ୍ବର୍ ଦିନେ ଆଏଜ୍ କୃଷ୍ଣ ବଳରାମଙ୍କର୍ ବଧ ଲାଗି କଂସ ମହାରାଜ୍ କଲେ ଯୋଜ୍‌ନା

- ୧୧ ଦିନିଆ ଧନୁଯାତ୍ରା ମହୋତ୍ସବ୍ ଆଏବା କାଏଲ୍ ହେବା ଉଦ୍‌ଯାପିତ ।

ଡକ୍ଟର୍ ହରେକୃଷ୍ଣ ମହତାବ୍ ଶ୍ରାଦ୍ଧବାର୍ଷିକୀ/ଭୁବ୍‌ନେଶ୍ୱର୍ ସମ୍ବାଦଦାତା/I&PR

ଭୁବ୍‌ନେଶ୍ୱର୍ ଶହୀଦ୍ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନ୍ ଠାନେ ୩୯ ନମ୍ବର୍ ସ୍ୱାଧୀନତା ସଂଗ୍ରାମୀ ଦିବସ୍ ଆଉ ଆଘର୍ ମୁଖ୍ୟମନ୍ତ୍ରୀ ଡକ୍ଟର୍ ହରେକୃଷ୍ଣ ମହତାବ୍‌ଙ୍କର୍ ଶ୍ରାଦ୍ଧବାର୍ଷିକୀ ସମାରୋହ ହେଇଯାଇଛେ । ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଡକ୍ଟର୍ ମହତାବ୍‌ଙ୍କର୍ ମହାପ୍ରୟାଣ୍ ଦିବସ୍ ଅବ୍‌ସରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଦିବସ୍ ପାଲନ୍ କରାଯିବାର୍‌ଟା ଫି’ ଓଡ଼ିଆଙ୍କର୍ ଲାଗି ଗର୍ବ ଆଉ ଗୌରବ୍‌ର ବିଷୟ ଆଏ ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ମଧ୍ୟବର୍ତ୍ତୀ ଇଲାକା ନ ଡକ୍ଟର୍ ମହତାବ୍‌ଙ୍କର୍ ଗୁଟେ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଥାପ୍‌ନା କରାଯିବାର୍ ସହେତେ ସ୍ୱାଧୀନତା ସଂଗ୍ରାମୀଙ୍କର୍ ପରିବାର୍ ମାନ୍‌କର୍ ଲାଗି କୁଟୁମ୍ ଯୋଜ୍‌ନା ଖୋବ୍ ଜଲ୍‌ଦି କାର୍ଯ୍ୟକାରୀ କରାଯିବା ବଲି ଘୋଷ୍‌ନା କରିଛନ୍ । ଇତାର୍‌ସହେତେ ବନ୍ଦୀ ସ୍ୱାଧୀନତା ସଂଗ୍ରାମୀମାନ୍‌କର୍ ଭତା ୧୦ ହଜାର୍‌ନୁ ୨୦ ହଜାର୍ ଟଙ୍କା କରାଯାଇଛେ । ତାଙ୍କର୍ ଅନ୍ତେ

ତାଙ୍କର୍ ପତ୍ନୀ ଆଉ ଅବିବାହିତା ଝିଅ ଭିଲ୍ ଇ ସୁବିଧା ପାଇପାର୍‌ବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଇତାର୍ ଆଘୋନୁ ଆଏଜ୍ ସଖାଲ୍‌ବେଲା ବିଧାନ୍‌ସଭା ପରିସର୍ ନ ଥିବା ଡକ୍ଟର୍ ମହତାବ୍‌ଙ୍କର୍ ପ୍ରତିମୂର୍ତିଥି ମୁଖ୍ୟମନ୍ତ୍ରୀ, ବାଚସ୍ପତି, ମନ୍ତ୍ରୀମଣ୍ଡଲର୍ ସଦସ୍ୟ ଆଉ ଅଲ୍‌ଗାମାନେ ଫୁଲ୍‌ମାଲ୍ ଦେଇକରି ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଧୁନିକ୍ ଓଡ଼ିଶା ଗଠନ୍ କ୍ଷେତ୍ରଥି ଡକ୍ଟର୍ ମହତାବ୍‌ଙ୍କର୍ ଅବଦାନ୍ ସବୁଦିନ ସୁର୍‌ତା ହେଇ ରହେବା ବଲି କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ବିଧାନ୍‌ସଭା ତର୍‌ଫୁ ପ୍ରକାଶିତ୍ 'ହୁ ଇଜ୍ ହୁ' ବହି ଆଉ ଗୁଟେ କେଲେଣ୍ଡର୍ ଉନ୍ମୋଚନ୍ କରିଛନ୍ ।

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ I&PR

ଭୁବ୍‌ନେଶ୍ୱର୍ ରାମ୍ ମନ୍ଦିର୍ ସାମ୍ନା ନ ଆଏବା କାଏଲ୍ ରାଜ୍ୟସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୨୬ ଉଦ୍‌ଘାଟନୀ ସମାରୋହର୍ ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ୱାକାଥନ୍ ସହେତେ ଭିନ୍ ଭିନ୍ ସଚେତନତା କାର୍ଯ୍ୟକ୍ରମ୍ ମାନ୍ କରାଯିବା ।

ପରୀକ୍ଷା ପେ ଚର୍ଚ୍ଚା ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ୯ ନମ୍ବର୍ ସଂସ୍କରଣ୍ ଆଏବା ଫେବୃଆରୀ ମାସ ହେବା । ଇତାର୍ ଜରିଏ ଛାତ୍ରଛାତ୍ରୀ ମାନେ ପରୀକ୍ଷା ଆଘୋନୁ ତାଙ୍କର୍ ମାନସିକ ଚାପ, ଡର୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ସିଧାସଲଖ୍ ବିଚାର୍ ବିନିମୟ କର୍‌ବେ । ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଲାଗି ଡିସେମ୍ବର୍ ୧ ନୁ ଆଏବା ଜାନୁଆରୀ ୧୧ ତାରିଖ୍‌ତକ୍ ମାଇ ଗଭ୍ ପୋର୍ଟାଲ୍‌ଥି ଅନ୍‌ଲାଇନ୍ ଏମ୍‌ସିକ୍ୟୁ ଆଧାରିତ୍ ପ୍ରତିଯୋଗିତାର୍ ଆୟୋଜନ୍ କରାଯାଉଛେ । ଇଥି ୬ ନୁ ୧୨ ଶ୍ରେଣୀତକ୍ ଛାତ୍ରଛାତ୍ରୀ, ଶିକ୍ଷକ୍ ଆଉ ଅଭିଭାବକ୍‌ମାନେ ଭାଗ୍ ନେଇପାର୍‌ବେ ।

ଏନ୍‌ଏଚ୍‌ଏଆଇ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ୍ -ଏନ୍‌ଏଚ୍‌ଏଆଇ ଆଏବା ଫେବୃଆରୀ ୧ ତାରିଖ୍‌ନୁ ସବୁ ନୂଆଁ ଫାଷ୍ଟଟେଗ୍ କାର୍ ଲାଗି ‘ନୋ ୟୋର୍ ଭେଇକିଲ୍- କେୱାଇସି’ କାର୍ଡ୍ ବନ୍ଦ୍ କର୍‌ବାର୍‌କେ ଘୋଷ୍‌ନା କରିଛେ । ସଡ଼କ୍ ପରିବହନ୍ ଆଉ ରାଜ୍‌ପଥ୍ ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ ଲୁକ୍‌କର୍ ସୁବିଧା ବଢ଼ାବାର୍ ଆଉ ରାଜପଥ ବେଭାର୍‌କାରୀମାନ୍‌କର୍

ସମସ୍ୟାର୍ ସମାଧାନ୍ ଲାଗି ଇ ପଦକ୍ଷେପ୍ ନିଆୟାଇଛେ । କେଓ୍ୱାଇସି ଖାଲି ଅଭିଯୋଗ୍ ଗ୍ରହଣ୍ ବେଲ୍କେ ଦର୍କାର୍ ହେବା । କେନ୍ସି ଅଭିଯୋଗ୍ ନାଇଁଥିଲେ ଆଘର୍ ଫାଷ୍ଟଟେଗ୍ ଥିବା କାର୍ ଲାଗି କେନ୍ସି କେଓ୍ୱାଇସି ଦର୍କାର୍ ନାଇଁ ପଡ଼େ ବଲି କୁହାୟାଇଛେ ।

ଗ୍ରୀନ୍ ଷ୍ଟିକର୍ ଏକ୍ସ

ଆଏବା ୧୦ ତାରିଖ୍ ଦିନ ପରିବହନ୍ ବିଭାଗ୍ ତର୍ଫୁ ଗାଡ଼ିମାନ୍କୁ ଗ୍ରୀନ୍ ଷ୍ଟିକର୍ ଦିଆୟିବା । ଇଥିର୍ଲାଗି ପ୍ରଦୂଷଣ୍ ପ୍ରମାଣ୍ପତ୍ର ଆଉ ପରିଚୟ ପତ୍ରକେ ବାଧ୍ୟତାମୂଲକ୍ କରାୟାଇଛେ । ୧୦ ତାରିଖ୍ ଆଘୋନୁ ପ୍ରମାଣ୍ପତ୍ର କରିଥିଲେ ଆର୍ଟିଓନୁ ଆଉ ପରେ କରିଥିବା ପ୍ରଦୂଷଣ୍ ପ୍ରମାଣ୍ପତ୍ର ୟାଂଚ୍ କେନ୍ଦ୍ରନୁ ଗ୍ରୀନ୍ ଷ୍ଟିକର୍ ମିଲିପାର୍ବା ବଲି ବିଭାଗ୍ ତର୍ଫୁ କୁହାୟାଇଛେ । ଗାଡ଼ିମାଲିକ୍ମାନ୍କର୍ ଛଡ଼ା ଅଲ୍ଗା କେହି ଗ୍ରୀନ୍ ଷ୍ଟିକର୍ ଆନ୍ବାର୍କେ ଗଲେ ମାଲିକଙ୍କର୍ ଅନୁମତିପତ୍ର ଦେଖାବାର୍କେ ପଡ଼୍ବା । ଗ୍ରୀନ୍ ଷ୍ଟିକର୍ ଲଗାବାର୍ନୁ ଗାଡ଼ି ୟାଂଚ୍ ବେଲ୍କେ ସୁବିଧା ହେଇପାର୍ବା ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ ।

ଦୁର୍ଘଟଣା- ମୁଖ୍ୟମନ୍ତ୍ରୀ ଏକ୍ସ

ପୁରୀ ସଡ଼କ୍ ଦୁର୍ଘଟଣାଥି ୫ ବଛ୍‌ରର୍ ଛୁଆର୍ ଜୀବନ୍ ଯିବାର୍ ଘଟ୍‌ନାକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୋକ ପ୍ରକାଶ୍ କରିଛନ୍ । ମୃତକଙ୍କର୍ ପରିବାର୍ ଲୁକ୍‌କୁ ସମବେଦନା ଜନାବାର୍ ସହେତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ୪ ଲାଖ୍ ଟଙ୍କାର୍ ଅନୁକମ୍ପା ସାହାଜ୍ ଘୋଷ୍‌ନା କରିଛନ୍ । ସୂଚ୍‌ନା ଅନ୍‌ସାରେ ସ୍କୁଟିକେ ବୋଲେରୋ ଧକ୍କା ଦେବାର୍‌ନୁ ୫ ବଛ୍‌ରର୍ ଛୁଆର୍ ଜୀବନ୍ ଯାଇଥିବାର୍ ବେଲେ ତାକର୍ ଅଜା ଜବର୍ ଜଖମ୍ ହେଇଛନ୍ ।

ସୁପର୍ ମୁନ୍            ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ବଛ୍‌ରର୍ ପହେଲା ସୁପର୍ ମୁନ୍ ଆଏବା କାଏଲ୍ ଦେଖାଯିବା । ଇ ବିରଳ ମହାଜାଗତିକ ଦୃଶ୍ୟକେ ଆଏବା କାଏଲ୍ ସଞ୍ଜବେଲା ଭାରତ୍ ସହେତେ ପୁର୍‌ଥିର୍ ବଡ଼ଭାଗୀ ଜାଗା ନ ଦେଖିହେବା । ସୂର୍ଯ୍ୟସ୍ତ ହେଉନ୍‌ସାର୍ ଖାଲି ଆଖି ନ ଦେଖିହେବା । ପୁର୍‌ଥି ନୁ ୩ ଲାଖ୍ ୬୨ ହଜାର୍ କିଲୋମିଟର୍ ଦୂରିଆନୁ ଚନ୍ଦ୍ର ରହୁଥିବାର୍‌ନୁ ଚନ୍ଦ୍ରର୍ ରଙ୍ଗ ଲାଲ୍  ହେବା । ଇ ସମିଆଥି ଚନ୍ଦ୍ର ୧୪ ପ୍ରତିଶତ୍ ବଡ଼ ଦେଖାଯିବାର୍ ସହେତେ ୩୦ ପ୍ରତିଶତ୍ ଅଏତ୍‌କା ଉଜଲ୍ ଦେଖାଯିବା । ନଭେମ୍ବର୍ ୨୪ ତାରିଖ୍ ୨ ନମ୍ବର୍ ଆର୍ ଡିସେମ୍ବର୍ ୨୩ ତାରିଖ୍ ୩ ନମ୍ବର୍ ସୁପର୍‌ମୁନ୍ ଦେଖାଯିବା ।

ଧନୁଯାତ୍ରା      ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର୍ ୧୦ ନମ୍ବର୍ ଦିନେ ଗୋପପୁର ନ ଆଏଜ୍ କଂସ ମହାରାଜ୍‌ଙ୍କର୍ ଦିଗ୍‌ବିଜୟ, କୃଷ୍ଣ, ବଳରାମ୍‌ଙ୍କୁ ହତ୍ୟା ଲାଗି କଂସଙ୍କର୍ ଯୋଜ୍‌ନା, କଂସ୍‌ର ଛାୟା ଆଉ ସପନ୍ ଦେଖା, କୃଷ୍ଣ ବଳରାମ୍‌ଙ୍କର୍ ସୁଦାମା ମାଳି ଆଉ ରଜକଙ୍କର୍ ସାକ୍ଷାତ୍, କାଳୀ ମନ୍ଦିର୍ ନ କୁବୁଜା ଉଦ୍ଧାର୍, କୃଷ୍ଣ ବଳରାମଙ୍କର୍ ନଗର ଭ୍ରମଣ୍ ଆଉ ବୃନ୍ଦାବନ ଘରେ ବିଶ୍ରାମ୍ କାର୍ଯ୍ୟକ୍ରମ୍ ପରିବେଷଣ୍ ଚାଲିଛେ । ଧନୁଯାତ୍ରା ମହୋତ୍ସବ୍ ୧୧ ନମ୍ବର୍ ଦିନେ ଆଏବାକାଏଲ୍ ଉଦ୍‌ଯାପିତ୍ ହେବା ।

ଆଇନ୍‌ମନ୍ତ୍ରୀ      ଏକ୍ସ

ପୁରୀ ଶ୍ରୀମନ୍ଦିର୍ ନ ଧାଡ଼ି ଦର୍ଶନ୍ ବ୍ୟବସ୍ଥା ଖୋବ୍ ଜଲ୍‌ଦି ବ୍ୟବସ୍ଥିତ୍ ଢଙ୍ଗେ କରାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ବରିଷ୍ଠ ନାଗରିକ୍ ଆଉ ଦିବ୍ୟାଙ୍ଗ ମାନ୍‌କର୍ ଦର୍ଶନ୍ ସହେତେ ସୁରୁଖୁରୁଥି ଧାଡ଼ି ଦର୍ଶନ୍ ବ୍ୟବସ୍ଥା କାର୍ଯ୍ୟକାରୀ କର୍‌ବାର୍‌କେ ତର୍ଜମା

ଚାଲିଛେ । ରାସ୍ତା ବାହାର୍‌ଲା ଉତ୍‌ରୁ ତୁର୍‌ତି କାର୍ଯ୍ୟକାରୀ କରାଯିବା ବଲି ଆଇନ୍‌ମନ୍ତ୍ରୀ କହିଛନ୍ ।
(ଭଏସ୍ ଓଭର୍- ଆଇନ୍‌ମନ୍ତ୍ରୀ)

ପ୍ରଶାସନିକ୍ ଅଧିକାରୀ ଦାୟିତ୍ୱ I&PR

ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଦେଓରଞ୍ଜନ୍ କୁମାର୍ ସିଂହ ରାଜ୍ୟର୍ ନୂଆଁ ଉନ୍ନୟନ୍ କମିଶନର୍ ଭାବେ ଦାୟିତ୍ୱ ନେଇଛନ୍ । ସେ ରାଜ୍ୟ ଯୋଜନା ଆଉ ସଂଯୋଜନ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଆଉ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍‌ର ଅତିରିକ୍ତ ଦାୟିତ୍ୱ ଭିଲ୍ ସମ୍ଭଲାବେ । ଯୋଜ୍‌ନା ଆଉ ସଂଯୋଜନ ବିଭାଗ୍ ଠାନେ ଥିବା ଉନ୍ନୟନ୍ ଆୟୁକ୍ତଙ୍କର୍ କାର୍ଯ୍ୟାଳୟ ନ ଶ୍ରୀ ସିଂ ଦିନର୍ ୧୦ ବଜେ ଦାୟିତ୍ୱ ନେଇଛନ୍ । ସମ୍‌କର୍ ସହଯୋଗ୍‌ଥି ରାଜ୍ୟର୍ ଉନ୍ନତି ଦିଗେ କାମ୍ କର୍‌ବେ ବଲି ଇ ଅବ୍‌ସରେ ଶ୍ରୀ ସିଂ କହିଛନ୍ । ସେନ୍ତା ବରିଷ୍ଠ ପ୍ରଶାସନିକ୍ ଅଧିକାରୀ ହେମନ୍ତ ଶର୍ମା ଗୃହ ବିଭାଗ୍‌ର ସଚିବ ଭାବେ ଦାୟିତ୍ୱ ନେଇଛନ୍ । ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଶୁଭା ଶର୍ମା ଜଲ୍‌ସମ୍ପଦ୍ ବିଭାଗ୍‌ର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନେଇଛନ୍ ।

ଯୁକ୍ତ ଦୁଇ ପ୍ରାକ୍ଟିକାଲ୍ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ ଯୁକ୍ତ ଦୁଇ ପ୍ରାକ୍ଟିକାଲ୍ ପରୀକ୍ଷା ଆଏଜ୍‌ଠାନୁ ମୁଲ୍ ହେଇଛେ । ପରୀକ୍ଷା ଆଏବା ୧୫ ତାରିଖ୍‌ତକ୍ ଚାଲ୍‌ବା । ବିଜ୍ଞାନ୍, କଳା, ବାଣିଜ୍ୟ ଆଉ ଧନ୍ଦାମୂଳକ୍ ଶିକ୍ଷା ପ୍ରାକ୍ଟିକାଲ୍ ପରୀକ୍ଷା ହେଇଛେ । ଇଥି ୨ ଲାଖ୍ ୩୫ ହଜାର୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ । ଆଏବା ୨୫ ତାରିଖ୍ ଭିତ୍‌ରେ କଲେଜ୍ କର୍ତୃପକ୍ଷଙ୍କୁ ପ୍ରାକ୍ଟିକାଲ୍ ଆଉ ଇଂଟର୍‌ନାଲ୍ ଆସେସ୍‌ମେଂଟ୍ ଫଲ୍ ଅପ୍‌ଲୋଡ଼୍ କର୍‌ବାର୍ ଲାଗି ପରିଷଦ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏବା ୧୬ ତାରିଖ୍‌ନୁ ଯୁକ୍ତ ଦୁଇ ପରୀକ୍ଷା ମୁଲ୍ ହେଇକରି ମାର୍ଚ୍ଚ ୨୦ ତାରିଖ୍‌ତକ୍ ଚାଲ୍‌ବା ।

ବର୍‌ଗଡ଼୍ -ପୁଷ୍‌ପୁନି ଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ସବ୍‌ଡିଭିଜନ୍ ଲାଗି ଜାନୁଆରୀ ୫ ତାରିଖ୍‌କେ ପୁଷ୍‌ପୁନି ଛୁଟି ଘୋଷ୍‌ନା କରାଯାଇଛେ । ଉତରାଂଚଲ୍ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ଇ ବାବ୍‌ଦେ ଚିଠି କରାଯାଇଛେ ।

ପର୍ଯ୍ୟଟନ ସ୍ଥଳ୍ ସଫେଇ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ପ୍ଲାଷ୍ଟିକ୍ ମୁକ୍ତ ଜିଲ୍ଲା ଗଠନ୍ ଲାଗି ଜିଲ୍ଲାର୍ ଋଷିପୀଠ ଆଉ ଯୋଗୀମଠ ପର୍ଯ୍ୟଟନ ସ୍ଥଳ୍‌ର ସଫେଇ କରାଯାଇଛେ । ପ୍ରାଧିକରଣ୍‌ର ସଦସ୍ୟ, ବନ ବିଭାଗ୍ କର୍ମଚାରୀ, ଖଡ଼ିଆଲ୍ ଡିଗ୍ରୀ ମହିଳା ମହାବିଦ୍ୟାଲୟର୍ ସ୍ୱେଚ୍ଛାସେବୀମାନେ ଯୋଗ୍ ଦେଇକରି ପର୍ଯ୍ୟଟନ୍‌ସ୍ଥଲୀର୍ ସଫେଇ କରିଛନ୍ । ଇତାର୍‌ସହେତେ ଗଛ୍ ଭିଲ୍ ଜଗେଇଛନ୍ ।

ଅନ୍‌ଲାଇନ୍-ଯୁକ୍ତ ଦୁଇ ବୋର୍ଡ଼ ସାର୍ଟିଫିକେଟ୍/ଆର୍‌ଏନ୍‌ୟୁ/ ସମ୍ବଲପୁର

ଛାତ୍ରଛାତ୍ରୀମାନେ ଏତ୍‌କର ଅନ୍‌ଲାଇନ୍ ଜରିଏ ଯୁକ୍ତ ଦୁଇ ପ୍ରଭିଜ୍‌ନାଲ୍, ମାଇଗ୍ରେସନ୍ ଆଉ ନକ୍‌ଲ ସାର୍ଟିଫିକେଟ୍ ପାଇପାର୍‌ବେ । ଇଥିର୍‌ଲାଗି ସେମାନ୍‌କୁ ଆଉ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ମୁଖ୍ୟାଳୟକେ ଯିବାର୍‌କେ ନାଇଁପଡ଼େ । ଅନ୍‌ଲାଇନ୍‌ଥି ସବୁପ୍ରକାର୍ ଫର୍ମ ମିଲିପାର୍‌ବା । କେନ୍‌ସି ଜାଗା ନ ଥାଇକରି ଭିଲ୍ ଅନ୍‌ଲାଇନ୍ ଜରିଏ ଆବେଦନ୍ କରିକରି ଛାତ୍ରଛାତ୍ରୀ ସାର୍ଟିଫିକେଟ୍ ପାଇପାର୍‌ବେ ବଲି ବୋର୍ଡ଼ର ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର୍ ପରିଡ଼ା କହିଛନ୍ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଆଏବା ୨ ଦିନ୍ ତକ୍ ଧିରେ ଧିରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ତକ୍ ବଢ଼୍‌ବା ଆଉ ଶୀତ୍ କମ୍‌ବା । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର ବଡ଼୍‌ଭାଗି ଜାଗା ନ କୁହୁଡ଼ି ହେବା । ବୌଦ୍ଧ, ନୟାଗଡ଼୍, ଢେଙ୍କାନାଲ୍ ଆର୍ ଜଗତ୍‌ସିଂହପୁର୍ ଜିଲ୍ଲା ନ ଜବର୍ କୁହୁଡ଼ି ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି  କରାଯାଇଛେ ।

ଭାରତୀୟ ପାଣିପାଗ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଗଲା ଡିସେମ୍ବର୍ ମାସେ ଦେଶର୍ ସବୁନୁ ଅଏତ୍‌କା ଦିନ୍ ଓଡ଼ିଶା ନ ବହଲିଆ କୁହୁଡ଼ି ହେଇଥିଲା । ଡିସେମ୍ବର୍ ମାସେ ମୋଟ୍ ୩୧ ଦିନ୍ ଭିତ୍‌ରୁ ୨୬ ଦିନ୍ କୁହୁଡ଼ି ହେଇଥିଲା ।